## ଆଇଆଇସିଙ୍କୁ ମାଡ଼ ଘଟଣାରେ ୫ ଗିରଫ

ଚୌକି, ୫।୩ (ସମିସ) : ଭୋଗରାଇ ବ୍ଲକ ତାଳସାରି ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମରେ ଗତ ଫେବ୍ରୁଆରୀ ୧୮ ତାରିଖ ରାତିରେ ଏକ ଜୁଆ ଆ‡। ଉପରେ ତାଳସାରୀ ମେରାଇନ ଥାନା ଅଧିକାରୀଣୀ ଚମ୍ପାବତୀ ସୋରେନ ଚଢ଼ଉ କରିବାକୁ ଯାଇଥିଲେ। ତାଙ୍କୁ କେତେକ ଅସାମାଜିକ ବ୍ୟକ୍ତି ଏକ ଦୋକାନ ଘରେ ପୂରାଇ ମାଡ ମାରିଥିଲେ। ଏହି ଘଟଣା ରେ ଆଜି ଦୁଇ ଜଣ ମହିଳା ଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ସୁଜନ ବେହେରା ଏବଂ ତାଙ୍କ ସ୍ତ୍ରୀ ଦୁଲ୍ଲଣୀ ବେହେରା, ଈଶ୍ୱର ବେହେରା, ରାଖୀ ବେହେରା ଏବଂ ଶିବସୁନ୍ଦର ବେହେରା। ଜଳେଶ୍ୱର ଏସ୍‌ଡିପିଓ, ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, ତାଳସାରି ଥାନା ଅଧିକାରୀଣୀ ଚମ୍ପାବତି ସରେନ ସଦଳବଳେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରିଛନ୍ତି।

## କଳମା ପଞ୍ଚାୟତ ଅଫିସ ତାଲାଭାଙ୍ଗି ଚୋରି

ରାଇବଣିଆ, ୫।୩(ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ଗ୍ରାମ ପଞ୍ଚାୟତ ଅଫିସ୍‌ରେ ତାଲା ଭାଙ୍ଗି ଚୋରି। ସୋମବାର ମଧ୍ୟ ରାତିରେ ପଞ୍ଚାୟତ ର ତାଲା ଭାଙ୍ଗି ଲୁଟି ନେଲେ ମୂଲ୍ୟବାନ ଆସବାବପତ୍ର। ମଙ୍ଗଳବାର ଦିନ ଦଶଟା ସମୟ ରେ ସରପଞ୍ଚ ସୁବିନିତା ଦତ୍ତ ପଞ୍ଚାୟତକୁ କାର୍ଯ୍ୟ ପାଇଁ ଆସିଥିବାବେଳେ ପଞ୍ଚାୟତ ରେ ଲାଗିବା ପାଇଁ ଆସିଥିବା କମ୍ପ୍ୟୁଟର, ଚେୟାର୍, ଏଲସିଡ ଟିଭି ଗ୍ରିଲ ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସରପଞ୍ଚ ରାଇବଣିଆ ଥାନାକୁ ଜଣେଇ ଥିଲେ। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଛି।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ସୋର, ୫।୩(ସମିସ): ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ବେକରେ ଆପ୍ରୋନ ବାନ୍ଧି ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ମିନାକ୍ଷୀ ମଲିକ(୧୭) ସ୍ଥାନୀୟ ସାରସ୍ୱତ ମହାବିଦ୍ୟାଳୟରେ ଯୁକ୍ତ ୨ରେ ପଢୁଥିଲେ। ଗତକାଲି ତାଙ୍କ ସାନ ଭଉଣୀ ଓ ସେ ଏକ କଇଁଚି ପାଇଁ ଝଗଡ଼ା ଲାଗିଥିଲେ। ଯାହାକୁ ନେଇ ତାଙ୍କ ମା ଉଭୟଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଆଜି ତାଙ୍କ ମା ସନ୍ଧ୍ୟାରେ ଘରକୁ ଫେରିବା ପରେ ମିନାକ୍ଷୀ ଖାଇ ନଥିବା ଜାଣି ତାଙ୍କୁ ବୁଝାସୁଝା କରି ଖାଇବା ରୋଷେଇ କରିବାକୁ ଯାଇଥିଲେ। ଏହି ସମୟରେ ମିନାକ୍ଷୀ ଶୋଇବା ଘର ଫ୍ୟାନରେ ନିଜ ଆପ୍ରୋନ ବେକରେ ଲଗାଇ ଝୁଲିପଡ଼ିଥିଲେ। ତାଙ୍କ ମା ଏହା ଜାଣିପାରି ଗ୍ରାମବାସୀଙ୍କ ସହାୟତାରେ ମିନାକ୍ଷୀକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ଶବ ଗୃହରେ ରଖିଛନ୍ତି। ଗତ କିଛି ଦିନ ପୂର୍ବରୁ ତାଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ମିନାକ୍ଷୀଙ୍କ ଆତ୍ମହତ୍ୟା ଗ୍ରାମରେ ଏକ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

# ଚୁକ୍ତିମିଆଦ ଶେଷ ସତ୍ତ୍ୱେ ଭଡ଼ାଘର ଛାଡୁନି ବିଜେପି

ବାଲେଶ୍ୱର, ୫।୩ (ସମିସ):



ଚୁକ୍ତି ମିଆଦ ଶେଷ ହେବା ପରେ ମଧ୍ୟ ଭଡାଘରେ ପରିଚାଳିତ ହେଉଥିବା ସଦର ବିଜେପି କାର୍ଯ୍ୟାଳୟକୁ ଯୁବନେତା ମାନସ କୁମାର ଦତ୍ତ ଖାଲି କରୁନଥିବା ନେଇ ଅଭିଯୋଗ ଆଣିଛନ୍ତି ଘରମାଲିକ ସନ୍ତୋଷ କୁମାର ଦେ ଓ ପରିବାରବର୍ଗ। ଏ ନେଇ ମଙ୍ଗଳବାର ଦିନ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦେଙ୍କ ସମେତ ତାଙ୍କ ମା ମୀନତି ଦେ, ସ୍ତ୍ରୀ ଶୋଭନା ଦେ, ଭାଇ ସଞ୍ଜିବ କୁମାର ଦେ ଓ ପୁତ୍ର ସ୍ୱସ୍ତିକ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଦେଙ୍କ ଅଭିଯୋଗ ଅନୁସାରେ, ବାଲେଶ୍ୱର ପୌରାଞ୍ଚଳର ନୁରପୁର ରୋଡର ସେ ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ବାଗବୃନ୍ଦାବନ ମୌଜାର ପ୍ଲଟ ନଂ ୨୦୬/୧୭୬୧ ଓ ଖତିଆନ ନଂ ୮/୧୦ରେ ଥିବା ଅନ୍ୟ ଏକ ଘରକୁ ଦିବଂଗତ ବିଧାୟକ ମଦନ ମୋହନ ଦତଙ୍କୁ ବହୁ ବର୍ଷ ତଳେ ଭଡା ସୂତ୍ରରେ ଦେଇଥିଲେ। ୨୦୧୯ ନିର୍ବାଚନ ପରେ ଶ୍ରୀ ଦତ୍ତ ଘରଟିକୁ ଖାଲି କରିଦେବା ନେଇ ପ୍ରତିଶୃତି ଦେଇଥିଲେ। ମାତ୍ର ସେ ଅସୁସ୍ଥ ହୋଇ ଚିକିତ୍ସିତ ହେବା ଓ ପରେ ତାଙ୍କର ବିୟୋଗ ଘଟିଥିଲା। ଘର ଛାଡିବା କଥା ସ୍ୱର୍ଗତଃ ଦତ୍ତଙ୍କ ପୁତ୍ର ମାନସଙ୍କୁ ଜଣାଇବାରୁ ଉପନିର୍ବାଚନ ଶେଷ ପର୍ଯ୍ୟନ୍ତ ଘରଟିକୁ ଭଡା ଆକାରରେ ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ସେ ନେଇ ଶ୍ରୀ ଦତ୍ତଙ୍କ ସହ ଏକ ସ୍ୱଳ୍ପ ମିଆଦି ଚୁକ୍ତିନାମା ମଧ୍ୟ ସମ୍ପାଦନ ହୋଇଥିଲା, ଯାହାର ଅବଧି ୨୦୨୧ମସିହା ଜାନୁଆରୀ ୩୧ ତାରିଖରେ ଶେଷ ହୋଇଯାଇଛି। ତେବେ ଚୁକ୍ତି ଅବଧି ଶେଷ ହୋଇଥିଲେ ବି ଶ୍ରୀ ଦତ୍ତ ଆଜି କାଲି କହି ଘର ଛାଡିବା କଥା ଏଡାଇ ଦେଉଛନ୍ତି ବୋଲି ଶ୍ରୀ ଦେ କହିଛନ୍ତି। ଇତିମଧ୍ୟରେ ଘରର ବିଦ୍ୟୁତ ଦେୟ ୮୮, ୨୮୨ ଟଙ୍କା ବକେୟା ରହିଛି। ପୂର୍ବରୁ ସ୍ୱର୍ଗତଃ ଦତ୍ତ ଘରଭଡା ବାବଦକୁ ମାତ୍ର ଏକ ହଜାର ଟଙ୍କା ଦେଉଥିବା ବେଳେ ଶ୍ରୀ ଦତ୍ତ ଏହାକୁ ବଢ଼ାଇ ଦୁଇ ହଜାର ଟଙ୍କା ଦେଉଥିଲେ। ମାତ୍ର ଘର ଛାଡୁନଥିବାରୁ ସେ ଆଉ ଘର ଭଡା ନେଉନଥିବା ଶ୍ରୀ ଦେ କହିଛନ୍ତି। ଅନ୍ୟପକ୍ଷରେ ବ୍ୟକ୍ତିଗତ ବ୍ୟବହାର ପାଇଁ ଘର ନେଇ ସେଠାରେ ରାଜନୈତିକ କାର୍ଯ୍ୟାଳୟ ଚଳାଉଥିବା ବେଳେ ଶ୍ରୀ ଦତ୍ତ ଉଦ୍ଦେଶ୍ୟମୂଳକ ଭାବେ ଘରଟିକୁ ହାତେଇ ନେବାର ପ୍ରଚେଷ୍ଟା ଚଳାଇଛନ୍ତି ବୋଲି ଶ୍ରୀ ଦେ ଅଭିଯୋଗ କରିଛନ୍ତି। ଶ୍ରୀ ଦତ୍ତଙ୍କ ବିରୋଧରେ ଅଦାଲତର ଆଶ୍ରୟ ନିଆଯାଇଥିଲେ ବି ନ୍ୟାୟ ମିଳିବା ସମୟ ସାପେକ୍ଷ ହୋଇଥିବାରୁ ପ୍ରଶାସନର ହସ୍ତକ୍ଷେପ ପାଇଁ ଶ୍ରୀ ଦେଙ୍କ ପରିବାରବର୍ଗ ନିବେଦନ କରିଛନ୍ତି। ନଚେତ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଯୁବନେତା ମାନସ ଦତଙ୍କୁ ପଚାରିବାରୁ କହିଥିଲେ, ଉକ୍ତ ଘରଟି ପାର୍ଟି ଅଫିସ। ସେଥିରେ ଏବେ ସିଭିଲ ଡିସପୁଟ ଚାଲିଛି। ଏହାବ୍ୟତୀତ ୫/୬ ଜଣଙ୍କ୍ ନାଁରେ କୋର୍ଟରେ କେସ୍ ମଧ୍ୟ ଚାଲିଛି। ଯାହାର କିଛି ନିଷ୍ପତ୍ତି ଆସିନାହିଁ।

**ପ୍ରଶାସନର ହସ୍ତକ୍ଷେପ ଦାବିକଲେ ଘର ମାଲିକ**

## କଂଗ୍ରେସର ବୈଠକ

ଶ୍ରଦ୍ଧାପୁର, ୫।୩ (ସମିସ) : ଭୋଗରାଇ ବ୍ଲକ କାନ୍ଠଥଭଉଁରୀ ପଞ୍ଚାୟତ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ ଉପସ୍ଥିତ ରହି ତୃଣ ମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଏକ ହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ୍ର, ୩୫ନଂ ଜୋନ ସଭାପତି ରାଧାବିନୋଦ ଦାସ, ଜିଲ୍ଲା ମତ୍ସ୍ୟଜୀବୀ ସଭାପତି ଶମ୍ଭୁ ନାଥ ମାଝୀ, ସମବାୟ ସମିତିର ଡାଇରେକ୍ଟର ଜଗନ୍ନାଥ ପାତ୍ର, ବନମାଳୀ ବେହେରା, ଜିଲ୍ଲା ହୋଲସେଲ ଡାଇରେକ୍ଟର ବଳରାମ ପାତ୍ର, ମଣ୍ଟୁ ନାୟକ, ପଞ୍ଚାୟତ ନେତା ରାଜକୁମାର ପାତ୍ର (ବାପି), ବ୍ଲକ ଯୁବ କଂଗ୍ରେସ ଉପସଭାପତି ଶିବଶଙ୍କର ମହାନ୍ତି, ଅନିରୁଦ୍ଧ ମହାନ୍ତି, ସସ୍ମିତା ଜେନା, ବଳରାମ ଦାସ, କାଜଲ ପ୍ରଧାନ, ବସନ୍ତ ଜେନା, ଯୁଧିଷ୍ଠିର ସାଁ, ଶମ୍ଭୁ ସୁର, ବଳରାମ ଦାସ, କାଜଲ ପ୍ରଧାନ, ବସନ୍ତ ଜେନା, ଯୁଧିଷ୍ଠିର ସାଁ, ଶମ୍ଭୁ ସୁର, ନବ ବେହେରା, କାର୍ତ୍ତିକ ଦାସ, ଭଗବାନ ସେଠୀ, ପୂର୍ଣ୍ଣ ଦାସ, ଅଶୋକ ଦାସ ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ସରପଞ୍ଚ ପଦ ମାମଲା**

## ସୀତାରାଣୀଙ୍କୁ ବିଜୟୀ ଘୋଷଣାକଲେ କୋର୍ଟ

ଚନ୍ଦନେଶ୍ୱର, ୫।୩ (ସମିସ): ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଗଣତିର ଫଳାଫଳରେ ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ସରପଞ୍ଚ ଭାବେ ସୀତାରାଣୀ ସେନାପତି ୪ ଖଣ୍ଡ ଅଧିକ ଭୋଟ ପାଇଥିଲେ ହେଁ ପ୍ରଶାସନ ଚଞ୍ଚକତା କରି ପୁନଃ ଗଣତି କରି ରାଧାରାଣୀ ବେହେରାଙ୍କୁ ଅଧିକ ୨ଖଣ୍ଡ ଭୋଟ ପାଇଥିବା ଦର୍ଶାଇ ତାଙ୍କୁ ସରପଞ୍ଚ ଭାବେ ବିଜୟୀ ଘୋଷଣା କରିଥିଲେ। ମାତ୍ର ପ୍ରତିଦ୍ୱନ୍ଦୀ ସୀତାରାଣୀ ଭୋଟ୍ ଫଳାଫଳରେ ଅସନ୍ତୋଷ ପ୍ରକାଶ କରି ଜଳେଶ୍ୱର ସିଭିଲ କୋର୍ଟରେ ୦୧/୨୨ରେ ଏକ ନିର୍ବାଚନ ମାମଲା ଦାଏର କରିଥିଲେ। ରାୟ ପ୍ରକାଶ ପାଇବାରେ ବିଳମ୍ବ ଘଟିବାରୁ ବାଲେଶ୍ୱର ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ପୁନଃ ଅପିଲ କରିଥିଲେ। ତେବେ ମାମଲାରେ ସମସ୍ତ ପ୍ରମାଣକୁ ଭିତ୍ତି କରି ମଙ୍ଗଳବାର ଦୌରା ଜଜ ଏ କେ ଦାସ ରାୟ ପ୍ରକାଶ କରିଛନ୍ତି। ସେ ମାମଲା ଦାଏରକାରୀ ସୀତାରାଣୀ ସେନାପତିଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ଫଳରେ ତାଙ୍କର ନ୍ୟାୟିକ ବିଜୟ ହେବା ସହ ସରପଞ୍ଚ ପଦ ପାଇବା ପାଇଁ ଯୋଗ୍ୟ ଘୋଷିତ ହୋଇଛନ୍ତି। ରାଧାରାଣୀ ବେହେରା ଉକ୍ତ ନିର୍ବାଚନରେ ୧୮୫୦ଖଣ୍ଡ ଭୋଟ ପାଇଥିଲା ବେଳେ ସୀତାରାଣୀ ସେନାପତିଙ୍କୁ ୧୮୫୪ ଖଣ୍ଡ ଭୋଟ ମିଳିଥିଲା ଏବଂ ନିର୍ବାଚନ ଅଧିକାରୀ ଭୋଗରାଇ ବିଡିଓ ଶଙ୍କର ପଟ୍ଟନାୟକ ପ୍ରଥମେ ସୀତାରାଣୀଙ୍କୁ ବିଜୟୀ ଘୋଷଣା କରିବା ପରେ ତାର କିଛି ସମୟ ପରେ ବିଡିଓ ଶ୍ରୀ ପଟ୍ଟନାୟକ ପୁନଃଗଣତି କରି ସୀତାରାଣୀ ସେନାପତିଙ୍କୁ ୨ଖଣ୍ଡ ଭୋଟରେ ପରାଜିତ ଓ ପୂର୍ବତନ ଜିଲ୍ଲାପରିଷଦ ପ୍ରଦୀପ ବେହେରାଙ୍କ ପତ୍ନୀ ରାଧାରାଣୀ ବେହେରାଙ୍କୁ ବିଜୟୀ ଘୋଷଣା କରିଥିଲେ। ଏ ନେଇ ସୀତାରାଣୀ କୋର୍ଟର ଦ୍ୱାରସ୍ଥ ହୋଇଥିଲା ବେଳେ ଉକ୍ତ ମାମଲାର ଶୁଣାଣି କରି ଜିଲ୍ଲା ଦୌରାଜଜ ରାଧାରାଣୀଙ୍କ ସରପଞ୍ଚ ପଦ ଅସିଦ୍ଧ ଘୋଷଣା କରିବା ସହିତ ବନମାଳୀ ସେନାପତିଙ୍କ ପତ୍ନୀ ସୀତାରାଣୀଙ୍କୁ ବିଜୟୀ ସରପଞ୍ଚ ଘୋଷଣା କରିଛନ୍ତି। ସୀତାରାଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ ଲକ୍ଷାଧିକ ଟଙ୍କା

ଖଇରା, ୫।୩ (ସମିସ): ଖଇରା ବଜାର ଖଇରା ବ୍ଲକ ସମ୍ମୁଖରେ ଥିବା ଏୟାରଟେଲ ମିନିଷ୍ଟୋର ମାଲିକଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବାର ସମ୍ପୃକ୍ତ ମାଲିକ ରାଜୀବ ଲୋଚନ ମହାପାତ୍ର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୋକାନୀ ମହାପାତ୍ର ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ବ୍ୟାଗ ଓ ଏଟିଏମ କାର୍ଡନେଇ ପଳାଇଥିଲେ। ବ୍ୟାଗରେ ଦେଢ଼ ଲକ୍ଷରୁ ଅଧିକ ଟଙ୍କା ଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଖଇରା ପୁଲିସ ତଦନ୍ତ ଜାରି ରଖିଛି।

DSPL-792




OIPR-31001/13/0004/2324

### ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ

# ‘ଓଡ଼ିଶାର ବିକାଶରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ’







**ବାଲେଶ୍ୱର, ୫।୩(ସମିସ):**

ବାଲେଶ୍ୱରରେ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ବରପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ସହରର ଡିଆଇସି ଛକସ୍ଥିତ ଥିବା ବିଜୁ ପଟ୍ଟନାୟକ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ଓଡ଼ିଶାର ବିକାଶରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ତାଙ୍କର ସ୍ୱପ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ଜନସାଧାରଣଙ୍କ ସାମଗ୍ରିକ ଉନ୍ନତି ଓ ଓଡ଼ିଶା ବିକାଶରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସାକାର କରିପାରିଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ଏହି ଅବସରରେ କହିଥିଲେ। ଏହି ଅବସରରେ ବିଜେଡି ସଦର ଶାଖା ପକ୍ଷରୁ ସକାଳେ ଏକ ଗଣଦୌଡ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଛାତ୍ର, ଯୁବ, ମହିଳା ଓ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ। ପରେ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ବାଳାଶ୍ରମରେ ନିମନ୍ତେ ବିଦ୍ୟାଳୟ, ଅନାଥାଶ୍ରମ ଆଦିରେ ଫଳ, ବିସ୍କୁଟ ଓ ମିଷ୍ଟାନ୍ନ ବଣ୍ଟନ, ଚାନ୍ଦମାରୀପଡ଼ିଆ ସ୍ଥିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ବିଜେଡି ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଶ୍ରୀ ଦାସ କହିଥିଲେ ଯେ, ସୁନାର ଓଡ଼ିଶା ଗଠନ ପାଇଁ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ୨୫ବର୍ଷ ଶାସନ କାଳ ମଧ୍ୟରେ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ବେଳେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବହୁ ଜନକଲ୍ୟାଣକାରୀ ଯୋଜନାମାନ କରିବା ଫଳରେ ଲୋକମାନେ ସେଥିରୁ ବହୁଳ ଭାବେ ଉପକୃତ ହୋଇଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ମିଶନଶକ୍ତି ମାଧ୍ୟମରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠି ନିର୍ମାଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ବିଭିନ୍ନ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବା ଠାରୁ ଆରମ୍ଭ କରି ଖେଳ ପାଇଁ ଓଡ଼ିଶାକୁ ବିଶ୍ୱଦରବାରରେ ପରଚିତ କରାଇଛନ୍ତି। ଏପରିକି ୫-ଟି ମାଧ୍ୟମରେ ବିଭିନ୍ନ ଯୋଜନାକୁ ହାତକୁ ନେଇ ବହୁ କାର୍ଯ୍ୟକ୍ରମ କରୁଛନ୍ତି। ଗ୍ରାମାଂଚଳର ଉନ୍ନତି ପାଇଁ ପକ୍କା ସଡକ ଠାରୁ ଆରମ୍ଭ କରି ପାଣି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବହୁ କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି। ପ୍ରାରମ୍ଭରେ ନଗର ସଭାପତି ସନତ ଦାସ ମଞ୍ଚ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଗୌରୀ ବାରିକ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ଜିଲ୍ଲା ସମ୍ପାଦକ ମନୋଜ ରାଉତ, ମହିଳା ଟାଉନ ସଭାପତି ମୀନା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, କାର୍ତ୍ତିକ ସାହୁ, ସଦର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଶେଖ ଅନସର, ସଦର ବିଜେଡି ସଭାପତି ବସନ୍ତ ପଣ୍ଡା, ଅର୍ବାନ ବ୍ୟାଙ୍କ ଉପସଭାପତି ନିଶାମଣୀ ପ୍ରଧାନ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ନଗର ଛାତ୍ର ସଭାପତି ବିଭୁଦତ୍ତ ପରିଡ଼ା, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀରୋଜ ବାନୋ, ସନ୍ଧ୍ୟାରାଣୀ ଜେନା, ସବିତା ଦାସ, ଅର୍ପିତା ପ୍ରୀୟଦର୍ଶନୀ ପଟ୍ଟନାୟକ, ଶୋଭା ଭହାପାତ୍ର, ଶଶିରେଖା ମହାନ୍ତି, ସେକ ଆୟୁବ, ମହିଳା ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ଜୟଶ୍ରୀ ବିଶ୍ୱାଳ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜି ପ୍ରମୁଖଙ୍କ ସହ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଗଣମାଧ୍ୟମ ସଂଯୋଜକ ଧୀରେନ ନାୟକ ଧନ୍ୟବାଦ ଦେଇଥିଲେ।













**ଜଳେଶ୍ୱର ବ୍ଲକ/ଜଳେଶ୍ୱର :** ଜଳେଶ୍ୱରସ୍ଥିତ ବଡ଼ ବଜାର ଛକ ନିକଟରେ ପାଳିତ ହେଉଛି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ। ସୋମବାର ସକାଳ ଆଠଟା ସମୟରେ ଦଳର ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ସହ ମନ୍ତ୍ରୀ ଓ କର୍ମୀମାନେ ଉପସ୍ଥିତ ରହି ଜଳେଶ୍ୱର ଷ୍ଟେସନ ବଜାରସ୍ଥିତ କାଳି ମନ୍ଦିର ଠାରୁ ବଡ଼ ବଜାର ଛକ ପର୍ଯ୍ୟନ୍ତ ଗଣ ଦୌଡ଼ରେ ଭାଗ ନେଇଥିଲେ। ପରେ ବଡ଼ ବଜାର ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ଯାଇଥିଲା। ଏହି ଅବସରରେ ଜଳେଶ୍ୱର ଠାରେ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଓ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବିଜୁ ଜନତା ଦଳର ବ୍ଲକ ଯୁବ ସଭାପତି ବିଶ୍ୱଜିତ୍ ପାଳ, ନିମାଇଁ ଚରଣ ଘୋଷ, ବ୍ଲକ ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ବ୍ଲକ ପୂର୍ବତନ ଅଧ୍ୟକ୍ଷ ତପନ କୁମାର ଦାସ, ମନ୍ତ୍ରୀଙ୍କ ନଗର ପ୍ରତିନିଧି ସତ୍ୟ ରଞ୍ଜନ ଦାସ ମହାପାତ୍ର, ବିଜୟ କୁମାର କାମିଲା, ବରିଷ୍ଠ ଆଇନଜୀବି ପତିତ ପାବନ ପ୍ରଧାନ, ସଞ୍ଜୟ କୁମାର ମହାନ୍ତି, ଅଶୋକ କୁମାର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସାହୁ, ମିର ଆବାସ ଅଲ୍ଲି, ଆନନ୍ଦ କର, ସୁରଜ୍ କୁମାର ଚୌରାଶିଆ, ସମରେନ୍ଦ୍ର ପରିଡ଼ା, ସମରେନ୍ଦ୍ର ଦାସଙ୍କ ସହ ବିଜେଡିର ବହୁ କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟମାନେ ଏକତ୍ରିତ ହୋଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ବିଜୁ ଜୟନ୍ତୀ ଉତ୍ସବ ପାଳନ କରିଥିଲେ।

ସେହିପରି ଜଳେଶ୍ୱର ବିଜୁ ଆଇନଜୀବୀ ସାମୁଖ୍ୟ ପକ୍ଷରୁ ବଡ଼ ବଜାର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୦ ଜଣ ଦରିଦ୍ର ନାରାୟଣଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ନିତ୍ୟ ଗୋପାଳ ଦାସ, ପତିତ ପାବନ ପ୍ରଧାନ, ଶୀତାଂଶୁ ଦାସ, ବିଷ୍ଣୁପଦ ଦାସ ମହାପାତ୍ର, ଲକ୍ଷ୍ମୀକାନ୍ତ ଦାସ, ସୁବ୍ରତ କୁମାର ବେରା, ରମାକାନ୍ତ ସାହୁ, ସୁଶାନ୍ତ କୁମାର ଦାସ ଓ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଚନ୍ଦନେଶ୍ୱର :** ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ଠାରେ ପ୍ରବାଦ ପୁରୁଷବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବିର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ପୂର୍ବତନ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ତପନ କୁମାର ପଣ୍ଡା, ଜିଲ୍ଲାପରିଷଦ ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ, କବିତା ମହାନ୍ତି, ଇଂ ଅଭିଜିତ ଦାସ, ହୁଗୁଳି ପଞ୍ଚାୟତର ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୂତି ପ୍ରଧାନ ପ୍ରମୁଖ ପ୍ରଭାତରେ ଚନ୍ଦନେଶ୍ୱର ବିଜୁପଟ୍ଟନାୟକ ଗୋଲେଇଠାରେ ଉପସ୍ଥିତ ହୋଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସମାଜସେବୀ ଇଞ୍ଜିନିୟର ବିଦୁବେନ୍ଦୁ ପାତ୍ର, ସାମ୍ବାଦିକ ସୁବାସ ଦାସ, ସାହାବାଜୀପୁର ସରପଞ୍ଚ ଅରୁଣ ଗିରି ସମେତ ସ୍ଥାନୀୟ ବିଜୁ ଜନତା ଦଳର କର୍ମୀ ମାନେ ଆସି ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଚନ୍ଦନେଶ୍ୱର ଶୈବପୀଠ ନିକଟରେ ଭିକାରୀ ମାନଙ୍କୁ ଫଳ, ବିସ୍କୁଟ, ପ୍ରସାଦ ଓ ମିଠା ବଣ୍ଟନ କରିଥିଲେ।

**ଭୋଗରାଇ :** ମହାନ ଜନନାୟକ, ରାଷ୍ଟ୍ରବାଦୀ ନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଏକ ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ତଥା ଦେହୁର୍ଦ୍ଧା ପଞ୍ଚାୟତ ଅନ୍ତର୍ଗତ ଥାନାଛକ ହେଲିପେଡ ପଡ଼ିଆରେ ଅନୁଷ୍ଠିତ ଏକ ବିଶାଳ ଜନ ସମାବେଶରେ ବିଜେଡ଼ି ଭୋଗରାଇ ବ୍ଲକ ସଭାପତି ରମାକାନ୍ତ କରଣ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ, ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ବିଜେଡି ଜିଲ୍ଲା ଉପ ସଭାପତି ତଥା ପୂର୍ବତନ ସରପଞ୍ଚ ତପନ ପଣ୍ଡା, ବିଧାୟକ ପ୍ରତିନିଧି ଇଂ ବିଶ୍ୱଜିତ ଦାସ ଓ ଇଂ ଅଭିଜିତ ଦାସ, ବିଜେଡି ବ୍ଲକ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ହେମନ୍ତ ବେହେରା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ଭୁବନାନନ୍ଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି, ଦମୟନ୍ତୀ ସାହୁ ଓ ପ୍ରତିମା ଚାନ୍ଦ, ବିଜୁ ଯୁବ ଜନତା ଦଳ ବିଧାନସଭା କ୍ଷେତ୍ର ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ କୁମାର ଦାସ, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ସାହୁ, ଉତ୍ତର ଓଡ଼ିଶା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ରାମକୃଷ୍ଣ ପାତ୍ର, ବିଜୁ ଯୁବ ଜନତା ଦଳ ବ୍ଲକ ସମ୍ପାଦକ ଜଗବନ୍ଧୁ ଜେନା, ବିଜେଡି ବ୍ଲକ କମିଟି ଉପ ସଭାପତି ପ୍ରଦୀପ ବେହେରା, ବ୍ଲକ କମିଟି କୋଷାଧ୍ୟକ୍ଷ ନଗେନ୍ଦ୍ର ନାଥ ପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

**ଦହମୁଣ୍ଡା :** ବିଜେଡି ତରଫରୁ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଦଳର ସମସ୍ତ ସଦସ୍ୟ ଏକ ‘ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା’ ଗଠନ ଓ ସମର୍ପିତ ସେବା ନିମନ୍ତେ ସଂକଳ୍ପ ନେଇଥିଲେ। ଏଥିରେ ୩୦ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଗିରିଶ ଦତ୍ତ ୩୧ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା କବିତା ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ବେହେରା, ରାମଚନ୍ଦ୍ର ପାତ୍ର, ସମେତ ସ୍ଥାନୀୟ ସରପଞ୍ଚ ଏବଂ ସରପଞ୍ଚଙ୍କ ପ୍ରତିନିଧି ଯୋଗ ଦେଇଥିଲେ।

**ନୀଳଗିରି :** ବିଜେଡିର ବରିଷ୍ଠ ନେତାସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନୀଳଗିରି ବାଇପାସ ଛକରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ସନ୍ତୋଷ ଖଟୁଆ ସମେତ ବିଜେଡି ନେତୃ ବୃନ୍ଦ ଓ ପଞ୍ଚାୟତ ପ୍ରତିନିଧି ମାନେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।ଦଳ ତରଫରୁ ମେଡ଼ିକାଲ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକ ବିରାଟ ସ୍ୱେଚ୍ଛା କୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୭୯ ୟୁନିଟ ବ୍ଲକ ସଂଗ୍ରହ କରାଯାଇଥିଲା ଓ ମହାମିଶ୍ରଣ ପର୍ବ ସହିତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ର ସାଧାରଣ ସଭାରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଜିଲ୍ଲାପରିଷଦ ସଦସ୍ୟ ଗତି କୃଷ୍ଣ ନନ୍ଦ, ନୀଳଗିରି ବିଜେଡି ବ୍ଲକ ସଭାପତି କୃତିବାସ ବେହେରା, ଔପଦା ବ୍ଲକ ସଭାପତି ଅଶୋକ କୁମାର ପ୍ରଧାନ, ଯୁବ ନେତା ସବ୍ୟସାଚୀ ମହାପାତ୍ର ଯୁବ ସଭାପତି ଧୀରେନ୍ଦ୍ର ଲେଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନ ମୋହନ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ, ରଞ୍ଜିତା ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ଏନଏସି ବିଜେଡି ବ୍ଲକ ସଭାପତି ରବୀନ୍ଦ୍ର ପରିଡ଼ା, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ନେତା ସୁରେଶ ଶଙ୍ଖୁଆ, କମଳା ମଣି ପରିଡ଼ା, ଏନଏସି ସେଲ ସଭାପତି ଶରତ ଦାସ ଶିଶିର ରାଉତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ରାଉତ ସମେତ ଅନ୍ୟ ଦଳଛାଡି ଶହ ଶହ ସଂଖ୍ୟା ର କର୍ମୀ ଓ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ରବୀନ୍ଦ୍ର ଜେନା, ବାମନ ନାୟକ, ଗୌରାଙ୍ଗ ପରିଡ଼ା, ସୁନିଲ କୁମାର ମହାନ୍ତି ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

**ସିମୁଳିଆ :** ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ବାସଭବନରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପରେ ସିମୁଳିଆର ବିଜେଡ଼ି କର୍ମୀମାନଙ୍କୁ ନେଇ ଷ୍ଟେସନରୁ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ୫୦ରୁ ଅଧିକ କର୍ମୀ ମାନଙ୍କୁ ନେଇ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ପରେ ସିମୁଳିଆ ମେଡିକାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟାଯାଇଥିଲା।

**ବାହାନଗା :** ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଶତାଧିକ ବିଜୁପ୍ରେମୀ ତଥା ଯୁବକ ଏବଂ ଛାତ୍ର ମାନେ ଯୁବନେତା ଶିବାନୀ ଶଙ୍କର ରାୟଙ୍କ ନେତୃତ୍ୱରେ ସୋରରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ଅନନ୍ତପୁର, ପୋଡ଼ାଡ଼ିଆ, ଅଞ୍ଜି ଦେଇ ଗୋପାଳପୁର ପଞ୍ଚାୟତ ଜୁଣିଆ ସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ପହଞ୍ଚି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲେ। ପରେ ଗୋପାଳପୁର ସ୍ଥିତ ସତ୍ୟଭାମା କଲ୍ୟାଣ ମଣ୍ଡପ ଠାରେ ଯୁବନେତା ଶିବାନୀ ଶଙ୍କର ରାୟଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ବିଜେଡ଼ି ଉପ ସଭାପତି ପ୍ରଦୀପ ଜେନା ଅଧ୍ୟକ୍ଷତା କରିଥିଲେ। ସେହିପରି ବିଜେଡ଼ି ଜିଲ୍ଲା ଉପ ସଭାପତି ଅଶୋକ କୁମାର ନାୟକ, ଜିଲ୍ଲା ବିଜେଡ଼ି ସମ୍ପାଦକ ଅଶ୍ୱିନୀ କୁମାର ମହାପାତ୍ର, ପୂର୍ବତନ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଇଂ ଶରତ କୁମାର ରାଜ, ୧୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦାଶ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ବିଜୁ ମହିଳା ଜନତା ଦଳର ସୋର ବ୍ଲକ ସଭାପତି ପୁଷ୍ପଲତା ଜେନା, ସାଂସଦଙ୍କ ପ୍ରତିନିଧି ଶଙ୍କର୍ଷଣ ବାରିକ, ଅଖିଳରାମ ଜେନା, ପ୍ରମୁଖ ଅତିଥିମାନେ ବିଜୁ ବାବୁଙ୍କ ବୀରତ୍ୱ, ଦେଶ ପ୍ରେମ ଓ ସ୍ୱାଧୀନତା ସଂଗ୍ରାମର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ପ୍ରତ୍ୟେକ ସଦସ୍ୟ ଲୋକସେବାକୁ ଏକ ମହନୀୟ ବ୍ରତ ଭାବରେ ଗ୍ରହଣ କରି ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନ ‘ନବୀନ ଓଡ଼ିଶା’ ଗଢ଼ିବା ପାଇଁ ଶପଥ ନେଇଥିଲେ।

**ବାଲିଆପାଳ :** ବାଲିଆପାଳରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଜି ୧୦୮ ତମ ଜୟନ୍ତୀ, ପଦଯାତ୍ରା ଏବଂ ଭିନ୍ନକ୍ଷମଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ବିଜୁବାବୁଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ଡଗରା ଗୁମୁଟି ଛକରୁ ମଦର ଟେରେସା ସେବାକେନ୍ଦ୍ର ଅଧୀନ ଆବାସିକ ଭିନ୍ନକ୍ଷମ ବିଦ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହା ପରେ ଡଗରା ମଦର ଟେରସା ଆବାସିକ ଭିନ୍ନକ୍ଷମ ବିଦ୍ୟାଳୟର କୁନି ପିଲାଙ୍କୁ ଫଳ ଓ କିଛି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନା, ୨୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବ୍ଲକ ଯୁବ ସଭାପତି ସଂଗ୍ରାମ ପରିଡ଼ା, ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରାଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ଓ ସଦସ୍ୟା, ଯୁବ ଓ ଛାତ୍ର ନେତାଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

**ବଳରାମପୁର :** ବାଲିଆପାଳ ପୁରୁଣା ବସ୍ଷ୍ଟାଣ୍ଡଠାରେ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇ ଯାଇଛି। ଏହି ଅବସର ରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ଭଗବାନ ଚନ୍ଦ୍ର ଗିରି ପୌରୋହିତ୍ୟ କରିଥିବା ବେଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରି ଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ସଭ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ି, ନାରାୟଣ ସାହୁ, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମହାନା, ଦଳୀୟ ନେତା ସୁଶାନ୍ତ କୁମାର ଗିରି, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ବରିଷ୍ଠ ନେତା ତୁଷାର କାନ୍ତ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିମଳ କୁମାର ସାହୁ, ଅନନ୍ତ କୁମାର ବିଶ୍ୱାଳ, କୁମ୍ଭାରୀ ସରପଞ୍ଚ ପ୍ରତିନିଧି ଜୟ ନାରାୟଣ ମହାପାତ୍ର, ନିଖିରା ସରପଞ୍ଚ ଅଞ୍ଜନ ଗିରି, ଘଣ୍ଟୁଆ ସରପଞ୍ଚ ସୁଶିଳ ପ୍ରଧାନ, ଧନଞ୍ଜୟ ଗିରି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମହାଦେବ ଦାସ, ସତ୍ୟ ନାରାୟଣ ଦାସ, ବାଲିକୁଟି ପୂର୍ବତନ ସଦସ୍ୟ ପ୍ରିୟନାଥ ମୁର୍ମୁ, ପୂର୍ବତନ ସରପଞ୍ଚ ଗୁଣାକର ସାହୁ, ବରିଷ୍ଠ ନେତା ରବୀନ୍ଦ୍ର ନାଥ ଦାସ, ହର ଗୋପାଳ ସିଂ, ଧନଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇ ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅତିଥି ଓ କର୍ମୀ ମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ।














## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

# 'ଗାଁର ବିକାଶ କରିଛି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା'

ଭୋଗରାଇ, ୫।୩ (ସମିସ) :

ବିଜୁ ବାବୁ ଥିଲେ ସମଗ୍ର ଓଡ଼ିଆ ଜାତିର ପ୍ରାଣ। ସେବା ଓ ସଂଗ୍ରାମର ପ୍ରତୀକ। ତାଙ୍କର ଦୃଢ଼ ନେତୃତ୍ୱ ଓ ଇଚ୍ଛାଶକ୍ତି ବଳରେ ଓଡ଼ିଶାରେ ତ୍ରୀସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଆଜି ଗାଁ ଗାଁରେ ଯେଉଁ ବିକାଶ ଘଟିଛି ତାହା କେବଳ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ। ଏହି କଷ୍ଟଲବ୍ଧ ତ୍ରୀସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁରକ୍ଷା ଦେବା ସହିତ ଜନସାଧାରଣଙ୍କ ହିତଦୃଷ୍ଟିରେ ଏହାର ପ୍ରୟୋଗ ପାଇଁ ସମସ୍ତ ସ୍ତରର ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟର ଜରୁରୀ ଆବଶ୍ୟକତା ରହିଛି ବୋଲି ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଏବଂ ଲୋକସେବା ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ଆକାଉଣ୍ଟସ ଅଫିସର ମନ୍ମଥ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଗିରିଶ କୁମାର ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ୍ତ କୁମାର ରାଉତ ଓ ପପୁ ଭୂୟାଁ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ସଂଘର୍ଷମୟ ଜୀବନ, ସେବା, ତ୍ୟାଗ, ସମର୍ପଣ ଭାବ, ସାହସିକତା, ନେତୃତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା



କରିଥିଲେ। ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

**ଜଳେଶ୍ୱର ବ୍ଲକ/ ଜଳେଶ୍ୱର :** ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ-୨୦୨୪ ପାଳିତ ହୋଇ ଯାଇଛି। ଆଧୁନିକ ଓଡ଼ିଶାର ବିନ୍ଧାଣୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ପ୍ରଥମେ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ସଭାପତିତ୍ୱ କରି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ କ୍ଷମତା ହସ୍ତାନ୍ତର ଲାଗି ବିଜୁବାବୁ ଅଧିକ ଗୁରୁତ୍ୱ ଦେଇଥିବା ବେଳେ ବର୍ତ୍ତମାନ ପଞ୍ଚାୟତର କ୍ଷମତାକୁ କେତେକାଂଶରେ ସଂକୁଚିତ ହୋଇ ଥିବା ବକ୍ତବ୍ୟରେ କହିଥିଲେ। ଉକ୍ତ ସଭାରେ ବିଡିଓ ପୁନମ ରାଉତ ଉପସ୍ଥିତ ହୋଇ କୌଣସି ଅଭିଭାଷଣ ରଖି ନ ଥିବା ବେଳେ ଏବିଡିଓ ମାୟାଧର ମଲ୍ଲିକ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଓ ତାଙ୍କ ଜନ୍ମ ଦିନକୁ ଲୋକ ମାନଙ୍କୁ ସୁଶାସନ ପ୍ରଦାନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସିପି ସୁଜିତ୍ କୁମାର ଜେନା ମଞ୍ଚାସୀନ ଥିଲାବେଳେ ଏହି ସରକାରୀ ଲୋକସେବା ଦିବସରେ ସ୍ୱଳ୍ପ ସଂଖ୍ୟକ ସରପଞ୍ଚ ଓ ବ୍ଲକ ସଭ୍ୟ ଉପସ୍ଥିତ ଥିଲେ।

**ବାହାନଗା/ଖନ୍ତାପଡ଼ା :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ଆଜି ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମୁଦୁଲି ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ଓ ଗ୍ରାମ ପଞ୍ଚାୟତକୁ ସଶକ୍ତ କରିବା ଓ ଲୋକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇ ପଞ୍ଚାୟତିରାଜ ଓ ଲୋକ ସେବା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ପଞ୍ଚାୟତ ପ୍ରତିନିଧି ମାନଙ୍କର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

**ଚୌକି :** ଭୋଗରାଇ ବ୍ଲକ ଅନ୍ତର୍ଗତ ପାଣିଷଣ୍ଡା ପଞ୍ଚାୟତରେ ଥିବା ପଞ୍ଚୟତ ଗୃହରେ ସରପଞ୍ଚ ନମିତା ଜେନାଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ପ୍ରଥମେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସଦସ୍ୟ ଗୈରାଙ୍ଗ ଖଟୁଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପରମେଶ୍ୱର ଶତପଥୀ, ବିଦ୍ୟୁତ ଜେନା, ୱାର୍ଡ ସଭ୍ୟ ଓ ସଭ୍ୟା ବିଜୟ ଦାସ, ଫିରଜ ଖାଁ, ମଧୁସ୍ମିତା ବେହେରା, ଜଗନ୍ନାଥ ବେହେରା, ଉତ୍ତମ ବେହେରା, ପୂର୍ବତନ ସଦସ୍ୟ ପ୍ରଦୀପ ବେହେରା, ପୂର୍ବତନ ସରପଞ୍ଚ ରାଜୀବ ତୋଳା, ହରିପଦ ଖଣ୍ଡା ବହୁସଂଖ୍ୟକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର



**ଭୋଗରାଇ, ୫।୩ (ସମିସ) :** ମହାନ ଜନନାୟକ, ରାଷ୍ଟ୍ରବାଦୀ ନେତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ 'ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ' ଆନୁକୂଲ୍ୟରେ ଏବଂ ଭୋଗରାଇ ବ୍ଲକ 'ବିଜୁ ଛାତ୍ର ଜନତା ଦଳ' ଓ 'ବିଜୁ ଯୁବ ଜନତା ଦଳ' ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାସହିତ ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର ସଦର ଜଳେଶ୍ୱରପୁର ସ୍ଥିତ ଶଙ୍ଖ ଭବନ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ଉଦଘାଟନ କରିଥିଲେ। ଏଥିରେ ସମୁଦାୟ ୭୮ ୟୁନିଟ ରକ୍ତ ସଂଗୃହିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଇଂ ଅଭିଜିତ ଦାସ, ଇଂ ବିଶ୍ୱଜିତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ କୁମାର ଦତ୍ତ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ବିଜୁ ଯୁବ ଜନତା ଦଳ ଭୋଗରାଇ ବିଧାନସଭା କ୍ଷେତ୍ର ସଭାପତି ତଥା କୃଷି ଓ କୃଷକ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ଦୀପକ କୁମାର ଦାସ, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅଶୋକ ସାହୁ, ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଭୋଗରାଇ ବ୍ଲକ ସଂଯୋଜକ ନଳିନୀକାନ୍ତ ସେଠୀ, ପୂର୍ବତନ ଦେହୁର୍ଦ୍ଦା ସରପଞ୍ଚ ତଥା ଦେହୁର୍ଦ୍ଦା ସେବା ସମବାୟ ସମିତି ସଭାପତି ଶ୍ରୀପତି ଚରଣ ସେଠୀ, ବିଜୁ ଛାତ୍ର ଜନତା ଦଳ ସୋସିଆଲ ମିଡ଼ିଆ ସଂଯୋଜକ ତପନ ମଣ୍ଡଳ, ଆଇଟି କୋର୍ଡିନେଟର ସୁମନ ମହାନ୍ତି, ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ଛାତ୍ର କ୍ୟାମ୍ପସ କମିଟି ସଦସ୍ୟ ପାର୍ଥବିଜୟ ପାତ୍ର, ପ୍ରଶାନ୍ତ ନନ୍ଦ, କେଦାର ଜେନା, ଯାଜ୍ଞସେନୀ ପାତ୍ର, ଜୟକୃଷ୍ଣ ଦାସ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା, ଯୁବ ଓ ଛାତ୍ର ନେତା, ଜନପ୍ରତିନିଧି ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ଜନସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଟେକନିସିଆନ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଯୁବ ଓ ଛାତ୍ର ବିଜେଡି ସଦସ୍ୟ ସଦସ୍ୟା ମାନେ ଏହି ଶିବିର ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ ଦକ୍ଷିଣ ଭୋଗରାଇ କୃଷକ ସଂଘର ପ୍ରତିନିଧି



**ଚନ୍ଦନେଶ୍ୱର, ୫।୩ (ସମିସ) :** ଦକ୍ଷିଣ ଭୋଗରାଇର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଚାଷ ଜମିରୁ ଜଳ ନିଷ୍କାସନ ନ ହେବା, ଫଳରେ ୨୦/୨୫ ବର୍ଷ ଧରି ଧାନ ଚାଷଠାରୁ ଆରମ୍ଭ କରି ପନିପରିବା ଚାଷ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ଯାଇଛି। ଏହି ସମସ୍ୟା ସମାଧାନ ପାଇଁ ଦଳମତ ନିର୍ବିଶେଷରେ କୃଷକ ଚାଷୀ ମୂଲିଆ ଓ ଭୋଗରାଇର ସାଧାରଣ ଲୋକ ସଂଗଠିତ ହେଇ ଦକ୍ଷିଣ ଭୋଗରାଇର କୃଷି କ୍ଷେତ୍ର ସୁରକ୍ଷା କୃଷକ ସଂଗଠନ ଗଠନ କରି ବିଭିନ୍ନ ସମୟରେ ଆନ୍ଦୋଳନ କାର୍ଯକ୍ରମ ଗ୍ରହଣ କରିବା ସହିତ ବିଭିନ୍ନ ସ୍ତରର ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନଗଣଙ୍କ ଦାବିକୁ ଗ୍ରହଣ କରି ଜଳସମ୍ପଦ ବିଭାଗ ଏକ ଡି.ପି.ଆର୍. ପ୍ରସ୍ତୁତ କରି ସରକାରଙ୍କ ପାଖକୁ ପଠାଯାଇଥିଲା। ରାଜ୍ୟ ସରକାରଙ୍କ ଚିଠି ସଂଖ୍ୟା ୬୧୬୨, ୦୧/୦୩/୨୦୨୪ ଦ୍ୱାରା ପ୍ରସ୍ତୁତ ଡି.ପି.ଆର୍. କୁ ପ୍ରଶାସନିକ ଅନୁମୋଦନ ମିଳିଛି। ଓଡ଼ିଶା ସରକାରଙ୍କ ତରଫରୁ ଭଣ୍ଡାରିଆ- ରଣକୋଠା -ପଥରେଶ୍ୱର କେନାଲ ଖୋଳି ପାଣି ନିଷ୍କାସନ ଏବଂ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ବାବଦରେ ଅନୁମୋଦିତ ଅନେଶତ କୋଟୀ ସତସ୍ତରୀ ଲକ୍ଷ ଟଙ୍କାର ବିନିଯୋଗ ପାଇଁ ଏକ ସ୍ମାରକ ପତ୍ର ଜରିଆରେ ଅନୁରୋଧ କରିଥିଲେ। ଏହି ଯୋଜନା କୁ ଦ୍ରୁତ କାର୍ଯ୍ୟକାରୀ କରିବା ପାଇଁ ଗତକାଲି ଦକ୍ଷିଣ ଭୋଗରାଇ କୃଷିକ୍ଷେତ୍ର ସୁରକ୍ଷା କୃଷକ ସଂଘର ସଭାପତି ସୁଶାନ୍ତ କୁମାର ଚାନ୍ଦଙ୍କ ନେତୃତ୍ୱରେ ନିରାକାର ପାଣ୍ଡବ, ସନ୍ତୋଷ ଜେନା, ସନ୍ତୋଷ ପାତ୍ର, ନଟରଞ୍ଜନ ଘୋଡାଇ ଓ ଶ୍ରୀନିବାସ ପ୍ରଧାନକୁ ନେଇ ଏକ ୬ଜଣିଆ ପ୍ରତିନିଧି ନବାଗତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହିତ ଜଳ ନିଷ୍କାସନ ଯୋଜନାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ମାଧ୍ୟମରେ ନିବେଦନ କରିଥିଲେ। ଜିଲ୍ଲାପାଳ ସାତ ଦିନ ମଧ୍ୟରେ ଭୋଗରାଇ ଗସ୍ତରେ ଆସି ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ତାପରେ ପ୍ରତିନିଧିମାନେ ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଫିସର ଏକଜିକ୍ୟୁଟିଭ ଇଞ୍ଜିନିୟର, ଏସ ଡି ଓ ଓ ଜମି ଅଧିଗ୍ରହଣ ଅଫିସରଙ୍କ ସହିତ ମଧ୍ୟ ସାକ୍ଷ୍ୟାତ ଆଲୋଚନା କରି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରି ଥିଲେ। ଖୁବ ଶିଘ୍ର ପ୍ରଶାସନିକ ଓ ଆଇନଗତ କାମ ସମାପନ କରି ଜଳ ନିଷ୍କାସନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ। ଚିତ୍ରରେଖା( ଚିତେଇ) ନଈ ଖନନ ପାଇଁ ପଦକ୍ଷେପ ନେବା ଉପରେ ମଧ୍ୟ ସବିଶେଷ ଆଲୋଚନା ହୋଇଥିଲା।

# 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ

**ଭୋଗରାଇ, ୫।୩ (ସମିସ) :** ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ମତଦାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଲକ୍ଷ୍ମୀନାରାୟଣ ଜେନା ଯୋଗ ଦେଇ ନିଜର ପ୍ରଥମ ଭୋଟ ଦେବା ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ଦେଶ ଓ ରାଜ୍ୟର ସୁରକ୍ଷା ଏବଂ ଅଗ୍ରଗତି ନିମନ୍ତେ ସଠିକ ଭାବେ ମତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଜୀତେନ୍ଦ୍ର ମାଝୀ, ଅତିଥି ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ସାମ୍?ାଦିକ ବିକାଶ ପାଣିଗ୍ରାହୀ, ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ସଠିକ ପ୍ରାର୍ଥୀ ଚୟନ ମାଧ୍ୟମରେ ଦେଶ ନିର୍ମାଣରେ ଅଂଶଗ୍ରହଣ କରିବା ପାଇଁ ନୂତନ ଭୋଟର ଭାବେ ପଞ୍ଜିକୃତ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେବା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜାତୀୟ ସେବା ଯୋଜନା (ଏନଏସଏସ) ସଂଯୋଜକ ବିନୋଦ ବିହାରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ କନ୍ହେଇଲାଲ ଧରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶକ୍ତିମାନ ମିଶ୍ର, ଅର୍ଦ୍ଧେନ୍ଦୁ ମୁଖାର୍ଜୀ, ବିଶ୍ୱଜିତ ଦତ୍ତ, ଶିବୁ ପାତ୍ର, ରଶ୍ମି ପରାମାଣିକ ପ୍ରମୁଖ ପରିଚାଳନା କରିଥିଲେ।

# ସୀତାରାମ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

**ଭୋଗରାଇ, ୫।୩(ସମିସ):** ଭୋଗରାଇ ବ୍ଲକ ପାଣିଷଣ୍ଡା ଗ୍ରାମସ୍ଥିତ ସୀତାରାମ ମନ୍ଦିରର ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ



ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୂତନ ମନ୍ଦିର ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ବେଳେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ ଟାରେ ବିଧାୟକ ଶ୍ରୀ ଦାସ ସେଠାରେ ପହଞ୍ଚି ପ୍ରଥମେ ହନୁମାନ ମନ୍ଦିରର ପୂଜାର୍ଚ୍ଚନା କରିଥିଲେ। ପରେ ନୂତନ ସୀତାରାମ ମନ୍ଦିର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ପ୍ରତିନିଧି ଇଂ ଅଭିଜିତ ଦାସ, ପୂର୍ବତନ ଦେହୁର୍ଦ୍ଦା ସରପଞ୍ଚ ରମାକାନ୍ତ କରଣ, ପାଣିଷଣ୍ଡା ସରପଞ୍ଚ ଅନିତା ଜେନା, ପଞ୍ଚାୟତ ସମିତି ସଦସ୍ୟ ଗୌରାଙ୍ଗ ଖଟୁଆ, ପୂର୍ବତନ ସରପଞ୍ଚ ରାଜୀବ ଲୋଚନ ତୋଳା, ସରପଞ୍ଚ ପ୍ରତିନିଧି ବିଦ୍ୟୁତ କୁମାର ଜେନା, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଜୟନ୍ତ ତୋଳା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରମେଶ୍ୱର ଶତପଥୀ, ମନ୍ଦିର ମୁଖ୍ୟ ନିଖିଳ ତୋଳା, ପ୍ରବୀର ତୋଳା, ଅରବିନ୍ଦ ତୋଳା, ଅଶୋକ ତୋଳା, ବଙ୍କିମ ବେହେରା, ଦୟାନିଧି ମହାକୁଡ଼, ପୂର୍ଣ୍ଣ ବେହେରା, ସୁଖସୁନ୍ଦର ତୋଳା, ଖଗେନ୍ଦ୍ର ନାଥ ତୋଳା ପ୍ରମୁଖଙ୍କ ସମେତ ସିଆରପି, ଏମବିକେ ଓ ସମସ୍ତ ୱାର୍ଡସଭ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଭକ୍ତ ସାମିଲ ହୋଇଥିଲେ।

# ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ

**ଭୋଗରାଇ, ୫।୩ (ସମିସ) :** ଚଳିତବର୍ଷ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ମାର୍ଚ୍ଚ ୬ରୁ ୧୩ ତାରିଖ ମଧ୍ୟରେ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ଏଥି ନିମନ୍ତେ ଅନଲାଇନ ମାଧ୍ୟମରେ ପ୍ରତ୍ୟେକ ସ୍କୁଲକୁ ପ୍ରଶ୍ନପତ୍ର ପଠାଯିବ ଏବଂ ସକାଳ ୭ ରୁ ୯ ଟା ମଧ୍ୟରେ ଏହାକୁ ବୋର୍ଡ ୱେବସାଇଟରୁ ବିଦ୍ୟାଳୟର ୟୁଜର ଆଇଡି ଲଗଇନ୍ କରି ଡାଉନଲୋଡ୍ କରିବା ପରେ ଏହାର ଆବଶ୍ୟକ ସଂଖ୍ୟକ ଜେରକ୍ସ ପ୍ରିଣ୍ଟ ପ୍ରସ୍ତୁତ କରି ପରୀକ୍ଷାର୍ଥୀମାନଙ୍କୁ ଯୋଗାଇ ଦେବା ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବିଦ୍ୟୁତ ସରବରାହ ଓ ଇଣ୍ଟରନେଟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଫଳରେ ସଠିକ




ସମୟରେ ପ୍ରଶ୍ନପତ୍ର ଡାଉନଲୋଡ ଓ ପ୍ରିଣ୍ଟ ହୋଇପାରିବ ନାହିଁ ବୋଲି ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ କୁହାଯାଇଛି। ଏଣୁ ଅନଲାଇନରେ ପ୍ରଶ୍ନପତ୍ର ପଠାଇବା ବନ୍ଦ କରି ସିଧାସଳଖ ଭାବେ ସ୍କୁଲକୁ ଛାପା ପ୍ରଶ୍ନପତ୍ର ପଠାଇବା, ପରୀକ୍ଷାର ସୁପରିଚାଳନା ସହ ପରୀକ୍ଷା ବ୍ୟବସ୍ଥାକୁ ତ୍ରୁଟି ମୁକ୍ତ କରିବା ଦାବିରେ ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଲ ଇଣ୍ଡିଆ ଡିଏସଓ ଜିଲ୍ଲା ସଭାପତି ହରେକୃଷ୍ଣ ଦାସ, ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ର ଛାତ୍ର ନେତା ଶିବଶଙ୍କର ହାଁସଦା, ଜାହିଦ ଖାନ, ପଙ୍କଜ ଟୁଡୁ, ରୁକସାର ଖାତୁନ ପ୍ରମୁଖ ଯୋଗ ଦେଇ ଏହି ଶିକ୍ଷା ବ୍ୟବସ୍ଥାକୁ ତୀବ୍ର ବିରୋଧ କରିଥିଲେ। ଏହାସହିତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।

# 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ

**ବଳରାମପୁର, ୫।୩ (ସମିସ):** ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ଜାତୀୟ ସେବା ଯୋଜନା ପକ୍ଷରୁ ସୋମବାର 'ଦେଶ ପାଇଁ ମୋର ପ୍ରଥମ ମତଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସୁଦିପ୍ତା ବିଶ୍ୱାଳ ଅଧ୍ୟକ୍ଷତା କରି ଦେଶ ପାଇଁ ମୋର ପ୍ରଥମ ମତଦାନ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର




ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଅଜୟ କୁମାର ସାହୁ ଯୋଗଦେଇ ଦେଇ ମତଦାନର ଯଥାର୍ଥତା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ଅଧ୍ୟାପକ ରାଜେନ୍ଦ୍ର ବାରିକ, ଅଧ୍ୟାପକ ଉତ୍ତମ ମାହାନା, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଅପର୍ଣ୍ଣା ମାଝି ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଉପସ୍ଥିତ ଅଧ୍ୟକ୍ଷା ଓ ଅତିଥିଙ୍କ ଦ୍ୱାରା ନୂତନ ଭୋଟରଙ୍କୁ ଶପଥ ପାଠ କରାଯାଇଥିଲେ। ଅଧ୍ୟାପକ ବରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା

**ରାଇବଣିଆ, ୫।୩(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ୧୧ନମ୍ବର ୱାର୍ଡ଼ର ଶ୍ରୀକଣ୍ଠପୁର ଗାଁର ପ୍ରଭାକର ଟୁଡୁଙ୍କ ପୁତ୍ର ରତ୍ନାକର ଟୁଡୁ (୪୦) ଘର ବାଡିରେ ଥିବା ଏକ ବର ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେହି ସମୟରେ ପରିବାରର କୌଣସି ଲୋକ ଘରେ ନ ଥିଲେ। ତାଙ୍କର ଦୁଇଟି ଛୋଟ ପିଲା ମଧ୍ୟ ରହିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ିନି। ରାଇବଣିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହର ଚତୁର୍ଥ ସନ୍ଧ୍ୟା

# ସାଂସ୍କୃତିକ ଓ ଆଧାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରେ ଉତ୍ସବ

ଭୋଗରାଇ, ୫।୩ (ସମିସ) :



ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ସନ୍ତୋଷୀ ମା' ନିଉ ମାର୍କେଟ, ନୂଆହାଟଠାରେ ସନ୍ତୋଷୀ ମାତା ମନ୍ଦିର କମିଟି ପକ୍ଷରୁ ସପ୍ତ ଦିବସ ବ୍ୟାପୀ ଆୟୋଜିତ ୪୩ ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହର ଚତୁର୍ଥ ସାନ୍ଧ୍ୟ ସଭାରେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଓ ବର୍ତ୍ତମାନ ସିଆଁରୁଇ ପଞ୍ଚାୟତ ସମିତି ସଦସ୍ୟ ଆଶିଷ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅନଳିଆ ସରପଞ୍ଚ ବ୍ରଜକିଶୋର ମହାନ୍ତି, ପୂଜା କମିଟିର ସମ୍ପାଦକ ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସନ୍ତୋଷୀ ମାତା ପୂଜା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ହାଇସ୍କୁଲ ଶିକ୍ଷକ ତଥା ପୂଜା କମିଟିର ବରିଷ୍ଠ ସଦସ୍ୟ ରାଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ 'ବାରିପଦାର ସଙ୍ଗୀତ ରିଆଜ' ଅନୁଷ୍ଠାନର କଳାକାର ଏବଂ 'ଜୀ ସାର୍ଥକ' ଟିଭିର 'ତୁ ଖରା ମୁଁ ଛାଇ' ଓଡ଼ିଆ ଧାରାବାହିକର ଚୁଲବୁଲି ନାୟିକା 'ମାନିନୀ'ଙ୍କ ଦ୍ୱାରା ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂଜା କମିଟିର ସଭାପତି ସୁବାସ ଜେନା, ପୂର୍ଣ୍ଣ ପାଳ, କ୍ଷୁଦିରାମ ମହାନ୍ତି, ମନ୍ମଥ ତୋଳା, ବାପି ମହାନ୍ତି, ରବୀନ୍ଦ୍ର ଗିରି ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ନୂଆହାଟ ବଜାର କମିଟିର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ**

# ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ

ବାଲେଶ୍ୱର, ୫ ।୩(ସମିସ):




ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମହାନ ଜନ ନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ରହିଥିଲା। ଏହାଛଡା ବିଜୁ ବାବୁଙ୍କୁ ଝଡର ଇଗଲ, ମାଟିର ମୂର୍ତ୍ତିକାର ଏବଂ ଖିଆଲି ବାଦଶାହାର ମଣିଷ ଥିଲେ ବୋଲି କହିବା ସହ ତାଙ୍କ ପାଖରେ ଥିଲା ଦୂର ଦୃଷ୍ଟି। ଏପରିକି ସେ ରାଜ୍ୟରେ ତୃଣମୂଳସ୍ତରୀୟ ବିକାଶ ପ୍ରକ୍ରିୟାରେ ବିଜୁବାବୁଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଶାତୀତ ସଂସ୍କାର ଆଣିପାରିଥିଲେ। ବିଶେଷ କରି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସୁଦୂର ପ୍ରସାରୀ ଚିନ୍ତାଧାରା ଓଡ଼ିଶାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶରେ ବିଶେଷ ସହାୟକ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟ ଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବା କହିଥିଲେ। ଏହି ସବୁ କାର୍ଯ୍ୟର ସଫଳତା ଗ୍ରାମରେ ଅନେକ ପରିବର୍ତ୍ତନ ଆଣିପାରିଛି ଏବଂ ଗାଁର ରୂପାନ୍ତର ହୋଇଛି। ଗ୍ରାମର ଏହି ବିକାଶ ଧାରାରେ ଆଜି ମହିଳାମାନେ ମଧ୍ୟ ସାମିଲ ହୋଇଛନ୍ତି ବୋଲି କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ଦୁଇ ଦଶନ୍ଧି ତଳେ ଆମ ଗ୍ରାମମାନଙ୍କର ଯେଉଁ ଚିତ୍ର ଦେଖିବାକୁ ମିଳୁଥିଲା ଆଜି ସେଥିରେ ବିରାଟ ପରିବର୍ତ୍ତନ ଆସିଛି। ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ଏହା ସମ୍ଭବ ହୋଇ ପାରିଛି। ଏହାଛଡା ଭାରତୀୟ ଗଣତନ୍ତ୍ର ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଆହୁରି ସୁଦୃଢ ହେବା ସହ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ସୁଫଳ ପାଇବା ପାଇଁ ଗ୍ରାମାଞ୍ଚଳରେ ଏ ସମ୍ପର୍କରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ ଯୋଗଦେଇ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଏବଂ ଶିଳ୍ପ ଭିତିଭୂମିର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି ସବୁଦିନ ମନେ ରଖିବ ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ତୃଣମୂଳ ସ୍ତରରେ ବିକାଶକୁ ପହଞ୍ଚାଇବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଅନେକ ଅବଦାନ ରହିଥିବା କହିଥିଲେ। ତେବେ ଆଜିର ଦିବସକୁ ଲୋକସେବା ଦିବସ ଭାବେ ମଧ ପାଳନ କରାଯାଉଛି। ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ଓ ସେବା ପହଞ୍ଚାଇବା ପାଇଁ ସରକାରୀ ଅଧିକାରୀମାନେ ସମର୍ପିତ ମନୋଭାବ ନେଇ ନିଜକୁ ଜନସେବାରେ ନିୟୋଜିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତୃଣମୂଳ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାମ ପଞ୍ଚାୟତ ଏବଂ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ପୁରସ୍କାର ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟେକ୍ନିସିଆନ୍ସ ୟୁନିୟନର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୫।୩ (ସମିସ): ଇଣ୍ଡସ ଟାୱାର ଲିମିଟେଡ୍ କମ୍ପାନୀ ନିଜର ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏହି କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ଟେକ୍ନିସିଆନମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପରିବର୍ତ୍ତେ ଠିକାଦାର ଅଧୀନରେ କାର୍ଯ୍ୟ କରିବାକୁ ବାଧ କରୁଥିବା ପ୍ରତିବାଦରେ ଅଲ ଓଡ଼ିଶା ଭାରତୀ ଇନ୍‌ରାଟେଲ କଣ୍ଟ୍ରାକଚୁଆଲ ଟେକ୍ନିସିଆନ୍ସ ୟୁନିୟନ ପକ୍ଷରୁ ସ୍ଥାନୀୟ ଭିଲେଜ ଭେନ୍ୟୁରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। କମ୍ପାନୀ ଏଭଳି ସର୍ତ୍ତାବଳୀ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବା ପାଇଁ ୟୁନିୟନ ବାଲେଶ୍ୱର ମଣ୍ଡଳ ସଭାପତି ରତିକାନ୍ତ ବେହେରା, ସମ୍ପାଦକ କମଳାକାନ୍ତ ମହାନ୍ତ ଓ ମଣ୍ଡଳ ସହ ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ଦାବି କରିଛନ୍ତି। ଯଦି କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ଆଲୋଚନା କରିବାକୁ ଆଗେଇ ନଆସନ୍ତି, ତାହେଲେ ଟେକ୍ନିସିଆନଙ୍କ ପକ୍ଷରୁ ଚଳିତ ମାସ ୧୪ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରଶ୍ନପତ୍ର ଅନ୍‌ଲାଇନରେ ସ୍କୁଲକୁ ପଠାଇବା ନିଷ୍ପତ୍ତିକୁ ବିରୋଧ

ବାଲେଶ୍ୱର, ୫।୩(ସମିସ): ଚଳିତବର୍ଷ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ବୋର୍ଡ କର୍ତ୍ତୃପକ୍ଷ ମାର୍ଚ୍ଚ ୬ ରୁ ୧୩ ମଧ୍ୟରେ କରିବା ପାଇଁ ଘୋଷଣା କରିଛନ୍ତି। ଏଥିନିମନ୍ତେ ଅନଲାଇନ ମାଧ୍ୟମରେ ସ୍କୁଲକୁ ପ୍ରଶ୍ନପତ୍ର ପଠାଯିବ ଓ ଏହାକୁ ବୋର୍ଡ ୱେବସାଇଟରୁ ବିଦ୍ୟାଳୟର ୟୁଜର ଆଇଡି ଲଗଇନ୍ କରି ସକାଳ ୭ଟା ରୁ ୯ଟା ମଧ୍ୟରେ ଡାଉନଲୋଡ କରିବା ପରେ ଜେରକ୍ସ କରି ପରୀକ୍ଷା କରିବା ପାଇଁ ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବିଦ୍ୟୁତ ସରବରାହ ସମସ୍ୟା, ଇଣ୍ଟରନେଟର ସମସ୍ୟାର ସମାଧାନ ହୋଇ ପାରିନି। ଫଳତଃ ସଠିକ ସମୟରେ ପ୍ରଶ୍ନପତ୍ର ଡାଉନଲୋଡ ଓ ପ୍ରିଣ୍ଟ ନ ହୋଇପାରିବା ଯୋଗୁଁ ପରୀକ୍ଷା ବ୍ୟବସ୍ଥାରେ ନିଶ୍ଚିତ ଭାବରେ ବିଭ୍ରାଟ ସୃଷ୍ଟି ହୋଇପାରେ। ତେଣୁ ଅନଲାଇନରେ ପ୍ରଶ୍ନପତ୍ର ପଠାଇବା ବନ୍ଦ କରି, ଯଥାସମୟରେ ସିଧାସଳଖ ଭାବେ ସ୍କୁଲକୁ ଛପା ପ୍ରଶ୍ନପତ୍ର ପଠାଇବା, ପରୀକ୍ଷାର ସୁପରିଚାଳନା କରିବା ସହ ପରୀକ୍ଷା ବ୍ୟବସ୍ଥାକୁ ତ୍ରୁଟି ମୁକ୍ତ ଦାବିରେ ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ବାଲେଶ୍ୱର ସହର ସ୍ଥିତ ବଉଳପୋଖରୀଠାରେ ଏକ ପଥପ୍ରାନ୍ତ ସଭା କରାଯାଇଛି। ଏହି ସଭାରେ ଜିଲ୍ଲା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ଦାସ ବକ୍ତବ୍ୟ ରଖିଥିଲେ। ଶେଷରେ ଗଣଶିକ୍ଷା ମନ୍ତ୍ରୀ ଉଦେଶ୍ୟରେ ଏକ ଦାବିପତ୍ର ମେଲ୍ ଜରିଆରେ ପ୍ରେରଣ କରାଯାଇଥିଲା।

## ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବିଜୁ ଜୟନ୍ତୀ




ବାଲେଶ୍ୱର, ୫ ।୩(ସମିସ): ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ବାଲେଶ୍ୱର ଜିଲ୍ଲା ତରଫରୁ ଏକ ନଗର କୀର୍ତ୍ତନ ରାମଧୁନ ଗାୟନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ଆଇନଜୀବୀ ଜ୍ୟୋତିପ୍ରକାଶ ବାରିକଙ୍କ ତତ୍ତ୍ୱାବଧାନରେ କଳାକାରମାନଙ୍କର ଏକ ନଗର କୀର୍ତ୍ତନ ଶୋଭାଯାତ୍ରା ସ୍ଥାନୀୟ ମିଶନ ପଡ଼ିଆଠାରୁ ଆରମ୍ଭ ହୋଇ ଫାଣ୍ଡିଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଓ ଇଡକୋ ଛକସ୍ଥିତ ବିଜୁବାବୁଙ୍କ ଉଦ୍ୟାନ ସ୍ଥଳରେ ପହଞ୍ଚି ରାମଧୁନ ଗାୟନ ପୂର୍ବକ ପରିକ୍ରମା କରି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାକାରମାନଙ୍କ ସହିତ କାଉନସିଲର ମୀନା ମହାନ୍ତି, ସମାଜସେବୀ ରାଜଲକ୍ଷ୍ମୀ ଚାଟାର୍ଜୀ, ପୂର୍ବତନ କାଉନସିଲର ଲାବଣ୍ୟବତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ୍ ସଂଯୋଜକ ସବୀର ଖାନ୍, ରେମୁଣା ସଂଯୋଜକ ଶ୍ୟାମସୁନ୍ଦର ଦାସ, ସଂଯୋଜିକା ଅମିତା ମହାନ୍ତି, ହରପ୍ରିୟା ମହାପାତ୍ର, କାର୍ତ୍ତିକ ଜେନା, ଲକ୍ଷ୍ମୀଧର ମହାଳିକ, ରବୀନ୍ଦ୍ର ବେହେରା, ଅମର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ବିଜୁ ଜୟନ୍ତୀ

ବାଲେଶ୍ୱର, ୫ ।୩(ସମିସ): ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ସକାଳେ ସହରର ଫାଣ୍ଡିଛକ ଠାରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ କମିଟିର ସାଧାରଣ ସମ୍ପାଦକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ସମାଜସେବୀ ଦୀପକ ମଲ୍ଲିକ ପ୍ରମୁଖ ଯୋଗ ଦେଇ ନୂତନ ବିକଶିତ ଓଡ଼ିଶା ନିର୍ମାଣରେ ସ୍ୱର୍ଗତ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ଶିଳ୍ପ ଓ କୃଷିର ବିକାଶ ସହିତ ଜନସାଧାରଣଙ୍କ ଆର୍ଥିକ ଉନ୍ନତି କ୍ଷେତ୍ରରେ ବିଜୁ ପଟ୍ଟନାୟକଙ୍କ ଭୂମିକା ତାଙ୍କୁ ଅବିସ୍ମରଣୀୟ ରଖିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ପୌରପରିଷଦର ବିଭିନ୍ନ ୱାର୍ଡର କାଉନସିଲରମାନଙ୍କ ସମେତ ଗଣମାଧ୍ୟମ ସଂଯୋଜକ ଧୀରେନ ନାୟକ, ବିଶ୍ୱଜିତ ମହପାତ୍ର, ମନୋଜ ରାଉତ, ମୀନା ମହାନ୍ତି, ତନ୍ମୟ ମହାନ୍ତି, ବିଧାନ ରାୟ, ଶାନ୍ତନୁ ଦାସ, ଅନୁପ ସ୍ୱାଇଁ, ଅରୁଣ ଜେନା, ସାମ୍ବାଦିକ ବିପ୍ଳବ ମହାନ୍ତି, ସନତ ଦାସ, ବିରଞ୍ଚି ପ୍ରଧାନ, ଶରତଚନ୍ଦ୍ର ସାହୁ, ନରହରି ମହାଳିକ, ରବୀନ୍ଦ୍ର ଦାସ, କେ ଚନ୍ଦନ ରାଓ, ସୁଧାଂଶୁ କୁମାର ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।




## ଏବିଭିପିର ବିକ୍ଷୋଭ ପ୍ରଦର୍ଶନ

ବାଲେଶ୍ୱର, ୫।୩(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳାଙ୍କ ସହ ହୋଇଥିବା ବର୍ବରତା ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତ୍ତଳିକା ଦାହ କରାଯାଇଛି। ଏବିଭିପି ତରଫରୁ ତୀବ୍ର ନିନ୍ଦା କରାଯିବା ସହିତ ଦୋଷୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏବିଭିପି ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ଜିଲ୍ଲା ସହସଂଯୋଜକ ସଞ୍ଜୀବ କୁମାର ମହାରଣା, ସୌମ୍ୟାଶ୍ରୀ ବିଶି, ପ୍ରଜ୍ଞା ଦାସ, ଜ୍ୟୋତି ଭୂୟାଁ, କ୍ରିଷ୍ଣା ଦାସ, ପ୍ରିୟଙ୍କା ଦାସ, ଅମିତ ନାୟକ, ଜୀତମ ଦାସ, ଆର୍ଯ୍ୟପୁତ୍ର ଆଚାର୍ଯ୍ୟ, ଭବେଶ ତରାଇ, ନିଖିଳ ଜେନା ଉପସ୍ଥିତ ଥିଲେ।

## ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବିଜୁ ଜୟନ୍ତୀ

ବାଲେଶ୍ୱର, ୫।୩(ସମିସ): ମୋତିଗଞ୍ଜ ବଜାରସ୍ଥିତ ଶ୍ରୀ ରାଧା କୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅନିତା ଦାସ ଓ ବନଜା ନାୟକ ବିଜୁ ବାବୁଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶାନ୍ତି ସ୍ୱରୂପ ମିଶ୍ର ସଭା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।







**● ଜାତୀୟସ୍ତରୀୟ ମହିଳା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ**

## ଫକୀରମୋହନ କଲେଜ ଛାତ୍ରୀଙ୍କ ଯୋଗଦାନ




ବାଲେଶ୍ୱର, ୫।୩(ସମିସ): ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଗଠନ କେନ୍ଦୁଝର ତରଫରୁ ଫକୀରମୋହନ କଲେଜ +୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସମୀକ୍ଷା ମଣ୍ଡଳ ୫୨ତମ ଜାତୀୟ ସ୍ତରୀୟ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଉତ୍ତରପ୍ରଦେଶର ହାତରସ ଷ୍ଟାଡିୟମରେ ମାର୍ଚ୍ଚ ମାସ ୭ ତାରିଖ ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେଥିପାଇଁ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ତଥା କ୍ରୀଡା ଉପ ସଭାପତି ଡକ୍ଟର ସନ୍ତୋଷ କୁମାର ରାଉତ, ଅଧ୍ୟାପକ ବିନୀତ କୁମାର ପାଢ଼ୀ, ଲକ୍ଷ୍ମୀ ନାରାୟଣ ନାୟକ, ପ୍ରଦୀପ ଗଙ୍ଗାଇ, ଅଧ୍ୟାପିକା ସୁଲୋଚନା ସିଂଙ୍କ ସମେତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସ୍ୱତନ୍ତ୍ର ପ୍ରତିନିଧି ପରୀକ୍ଷା ନିୟନ୍ତ୍ରକ ରାଜେଶ କୁମାର ରାଉତ ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସମାବେଶରେ ତାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି ଓ ରାଜ୍ୟ ପାଇଁ ଅନେକ ସଫଳତା ଆଣିବା ପାଇଁ ପ୍ରେରଣା ଦେଇଛନ୍ତି।

**୧୧ରୁ୧୬ ନୂଆଦିଲ୍ଲୀରେ ବିଶ୍ୱର ସର୍ବବୃହତ୍ ସାହିତ୍ୟ ଉତ୍ସବ**

## ବାଲେଶ୍ୱରରୁ ଯୋଗଦେବେ କବି କୃଷ୍ଣ କୁମାର ମହାନ୍ତି



ବାଲେଶ୍ୱର, ୫।୩ (ସମିସ): ଆସନ୍ତା ୧୧ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପାଳନ କରିବାକୁ ଯାଉଛି ବିଶ୍ୱର ସର୍ବବୃହତ୍ ସାହିତ୍ୟ ଉତ୍ସବ 'ଫେଷ୍ଟିଭାଲ୍ ଅଫ୍ ଲେଟରସ୍'। ଏହି ବିଶାଳ ସାହିତ୍ୟିକ ସମାବେଶରେ ସାରା ଦେଶରୁ ୧୦୦୦ରୁ ଅଧିକ ଲେଖକ, ବିଦ୍ୱାନ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମାଗମ ହେବା ସହିତ ୧୭୫ଟିରୁ ଅଧିକ ଦେଢଘଣ୍ଟିଆ ଅଧିବେଶନ ୧୭୫ରୁ ଅଧିକ ଭାରତୀୟ ଭାଷାରେ ଆୟୋଜନ କରାଯିବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ବିଶାଳ ସାହିତ୍ୟ ଉତ୍ସବରେ ଭାଗ ନେବାକୁ କିଛି ଓଡ଼ିଆ ଲେଖକଙ୍କୁ ଆମନ୍ତ୍ରଣ କରାଯାଇଥିବା ବେଳେ ବାଲେଶ୍ୱରରୁ ସୁପରିଚିତ କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଯୋଗ ଦେଉଛନ୍ତି। ମାର୍ଚ୍ଚ ୧୫ ତାରିଖ ଦିନ ପ୍ରଥମ ଅଧିବେଶନରେ ବହୁଭାଷୀ କବି ସମ୍ମେଳନ ମଞ୍ଚରେ ଶ୍ରୀମହାନ୍ତି ତାଙ୍କର ଓଡ଼ିଆ କବିତା ଇଂରାଜୀ ଅନୁବାଦ ସହିତ ପାଠ କରିବାର କାର୍ଯକ୍ରମ ରହିଛି। ଶ୍ରୀ ମହାନ୍ତି ଏହା ପୂର୍ବରୁ ସାହିତ୍ୟ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଓଡ଼ିଆ ଭାଷାରେ ଗଳ୍ପ କବିତା ଲେଖି ଦୀର୍ଘ ଚାରି ଦଶନ୍ଧି ଧରି ସେ ନିଜର ସାହିତ୍ୟ ସାଧନା ଜାରି ରଖିଛନ୍ତି। ତାଙ୍କର କିଛି କବିତା ଇଂରାଜୀ, ବଙ୍ଗଳା, ନେପାଳୀ, ସାନ୍ତାଳୀ ଭାଷାରେ ଅନୂଦିତ ହୋଇ ଆଦୃତ ହୋଇଛି। ସେ ସମ୍ପ୍ରତି ବାଲେଶ୍ୱରରୁ ପ୍ରକାଶିତ 'ରେବତୀ' ପତ୍ରିକାର ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ଏହି ସାହିତ୍ୟ ଉତ୍ସବରେ ଓଡିଆ ଭାଷାରୁ ବହୁ ଲେଖକଲେଖିକା ନିମନ୍ତ୍ରିତ ହୋଇଥିବା ଜଣାପଡ଼ିଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର, ୫ ।୩(ସମିସ): ସମାଜସେବୀ ମନୋଜ ପୋଦାରଙ୍କ ଅଧ୍ୟକ୍ଷତାରେ ମାରୱାଡି ଯୁବା ମଞ୍ଚ ବାଲେଶ୍ୱର ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଓ ବିଏନଆଇର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଜୁ ପୋଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବିକାଶ ପୋଦାର, ଶେଖ ହମିଦ ସିଦନୀ ବିବି, ମୁସକାନ ଖାତୁନ, ଦିବାକର ରାଉଳ, ମାନସ ପୋଦାର, ପିଣ୍ଟୁ ମହଲ, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ଦିବସ ପାଳିତ




ବାଲେଶ୍ୱର, ୫।୩(ସମିସ): ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟୋଗ ଭବନରେ ଜିଲ୍ଲାସ୍ତରୟ ଉଦ୍ୟୋଗୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନ୍ୟୁନ ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଣବ ନାୟକ ଯୋଗଦେଇ ଉଦ୍ୟୋଗୀ ଦିବସର ମାହାତ୍ମ୍ୟ ଏବଂ ସଫଳ ଶିଳ୍ପୋଦ୍ୟୋଗୀ ହେବା ପାଇଁ ସରକାରଙ୍କ ଦ୍ୱରା ଉପଲବ୍ଧ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ୟୁକୋ ବ୍ୟାଙ୍କର ଜିଲ୍ଲା ମୁଖ୍ୟ ପରିଚାଳକ ବିଶ୍ୱଜିତ୍ ଶତପଥୀ ଯୋଗ ଦେଇ ଉଦ୍ୟୋଗୀ ବିକାଶରେ ବ୍ୟାଙ୍କର ସହଯୋଗିତା ଉପରେ ମତାମତ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ରଞ୍ଜନ ଦାସ, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ପ୍ରଦୀପ ବଳ, ସହାୟକ କୃଷି ଅଧିକାରୀ ବିଭୂଦତ୍ତ ପଣ୍ଡା, ଜିଲ୍ଲା ପ୍ରଦୂଷଣ ବିଭାଗର ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇ ସେମାନଙ୍କ ବିଭାଗରେ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ସହ ସ୍ୱାବଲମ୍ବୀ ହେବାପାଇଁ ଉଦ୍ୟୋଗୀମାନଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ରତିରଞ୍ଜନ ପାଣଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଦାସ, ଖିତିଶ ପଣ୍ଡା, ପୂର୍ଣ୍ଣେନ୍ଦୁ କର, ସମୀର ବାରିକ, ଅଜିତ ସିଂ, ଅମରଜ୍ୟୋତି କବି, ମମତା ପରିଡ଼ା, ପ୍ରଭାତ ନଳିନୀ ଦାଶ, ସ୍ୱୟଂ ରଥ, ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।






